# NATIONAL NEWS BULLETIN (ODIA)

## 18 December - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କୁ 'ଅର୍ଡର ଅଫ୍ ଓମାନ୍' ସମ୍ମାନରେ ସମ୍ମାନିତ କଲେ ଓମାନ୍‌ର ସୁଲତାନ

– ତ୍ରିରାଷ୍ଟ୍ରୀୟ ଗସ୍ତ ସଫଳତାର ସହ ଶେଷ କରି ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

- ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଏବଂ ଉନ୍ନୀତ ବିଲ୍–୨୦୨୫ ଉଭୟ ସଦନରେ ଅନୁମୋଦିତ

- ରାଜ୍ୟସଭାରେ ଆଗତ ହେଲା ବିକଶିତ ଭାରତ ଜି.ରାମ.ଜି ବିଲ୍-୨୦୨୫

- ଯାତ୍ରୀଙ୍କୁ ଆଞ୍ଚଳିକ ଖାଦ୍ୟର ସ୍ୱାଦ ପ୍ରଦାନ କରିବା ଲକ୍ଷ୍ୟ ନେଇ ବନ୍ଦେ ଭାରତ ଟ୍ରେନ୍‌ରେ କାର୍ଯ୍ୟକାରୀ ହେଲା ନୂତନ ବ୍ୟବସ୍ଥା

ଏବଂ

- ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ୨୦୨୫ ରୋଲ୍‌ବଲ୍ ବିଶ୍ୱକପ୍ ଟାଇଟଲ ହାସଲ କଲା ଭାରତ

# ପିଏମ୍-ଓମାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଅର୍ଡର ଅଫ୍ ଓମାନ୍' ସମ୍ମାନରେ ସମ୍ମାନିତ କରାଯାଇଛି। ମସ୍କଟ ରାଜପ୍ରାସାଦରେ ଆୟୋଜିତ ଏକ ସମାରୋହରେ ଓମାନ୍‌ର ସୁଲତାନ' ସୁଲତାନ ହାଇଥମ୍ ବିନ୍ ତାରିକ୍ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ–ଓମାନ୍ ସମ୍ପର୍କ ନେଇ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଅବଦାନ ପାଇଁ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର ୭୦ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଓମାନ୍ ଗସ୍ତ ଗୁରୁତ୍ୱ ବହନ କରିଛି। ଶ୍ରୀ ମୋଦୀ' ସମ୍ମାନକୁ ଭାରତବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦୁଇ ଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ଲକ୍ଷ୍ୟ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓମାନ୍ ସୁଲତାନ ଶ୍ରୀ ତାରିକ୍ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଉପସ୍ଥିତିରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ତାଙ୍କ ଓମାନ ପ୍ରତିପକ୍ଷ କ୍ୱାଇସ୍ ଅଲ୍ ୟୁସେଫ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ୨୦ ବର୍ଷ ପରେ ଓମାନ୍ ଏହି ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି। ନିଯୁକ୍ତି, ବ୍ୟବସାୟ ପାଇଁ ଉନ୍ନତ ବଜାର କ୍ଷେତ୍ର ଏବଂ ଉଭୟ ଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ସୁଯୋଗକୁ ଏହି ଚୁକ୍ତିନାମା ତ୍ୱରାନ୍ୱିତ କରିବ। ସାମୁଦ୍ରିକ ଐତିହ୍ୟ, ଶିକ୍ଷା, କୃଷି ଏବଂ ମିଲେଟ୍ ଚାଷ କ୍ଷେତ୍ରରେ କେତେକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ମସ୍କଟ୍ ରାଜପ୍ରସାଦଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଓମାନ୍ ସୁଲତାନ୍‌ଙ୍କ

ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ, ଶକ୍ତି, କୃଷି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ସଂସ୍କୃତି ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ର ଉପରେ ଉଭୟ ମତବିନିମୟ କରିଛନ୍ତି। ମସ୍କଟଠାରେ ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ ସମାବେଶକୁ ସମ୍ବୋଧନ କରିଥିଲେ। ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିବିଧତା ହେଉଛି ଭାରତୀୟ ସଂସ୍କୃତିର ମୂଳଦୁଆ।

**V/O- PM-ON-MERITIME-TRADE**

ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଓମାନ୍‌ରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।

# ଆର୍‌ଏସ୍‌-ନ୍ୟୁକ୍ଲିୟର ବିଲ୍‌

ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଏବଂ ଉନ୍ନୀତ ବିଲ୍‌-୨୦୨୫ ସଂସଦର ଅନୁମୋଦନ ଲାଭ କରିଛି। ବିଲ୍‌ଟି ଆଜି ରାଜ୍ୟସଭାରେ ପାରିତ ହୋଇଥିବା ବେଳେ ଗତକାଲି ଲୋକସଭାର ଅନୁମୋଦନ ଲାଭ କରିଥିଲା। ରାଜ୍ୟସଭାରେ ବିଲ୍‌ ଆଲୋଚନରେ ଅଂଶଗ୍ରହଣ କରି ପରମାଣୁ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଶକ୍ତିକ୍ଷେତ୍ରକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ସରକାର ପରମାଣୁ କ୍ଷେତ୍ରକୁ ମିଳିତ ଉଦ୍ୟୋଗ ପାଇଁ ଉନ୍ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗତ ୨୦୧୩-୧୪ ତୁଳନାରେ ପରମାଣୁ ଶକ୍ତି ବିଭାଗର ବଜେଟ୍‌ ବୃଦ୍ଧି ପାଇ

ଏବେ ୩୭ ହଜାର ୪୮୩ କୋଟି ଟଙ୍କାରେ ପହଁଞ୍ଚିଛି। ଏ କ୍ଷେତ୍ରରେ ୧୦୭ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ରାଜସ୍ଥାନରୁ ୪ ପରମାଣୁ ରିଆକ୍ଟରର ଶିଳାନ୍ୟାସ କରିଛନ୍ତି। ସୁରକ୍ଷା ଦିଗ ଗୁଡ଼ିକ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି। ପରମାଣୁ ଶକ୍ତି ଆଇନ-୧୯୬୨ ଏବଂ ନାଗରିକଙ୍କ ଦାୟିତ୍ୱ ପରମାଣୁ କ୍ଷତି ଆଇନ-୨୦୧୦ ବଦଳରେ ଏହି ଆଇନ ଦେଶରେ କାର୍ଯ୍ୟକାରୀ କରାଯିବ। ପରମାଣୁ ଶକ୍ତି କ୍ଷେତ୍ରକୁ ନିରାପଦ ବ୍ୟବହାର ପାଇଁ ଏକ ଦୃଢ଼ ନିୟାମକ ଢାଞ୍ଚା ପ୍ରଦାନ କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି। ଆଣବିକ ଶକ୍ତି ନିୟାମକ ବୋର୍ଡ ଗଠନ ଏବଂ ପରମାଣୁ ଶକ୍ତି ପ୍ରତିକାର ପରାମର୍ଶଦାତା ପରିଷଦ ପ୍ରତିଷ୍ଠା ନେଇ ବିଲ୍‌ରେ ବ୍ୟବସ୍ଥା ରହିଛି। କୌଣସି ପ୍ରକାର ପରିସ୍ଥିତିକୁ ମୁକାବିଲା କରିବା ଲକ୍ଷ୍ୟ ନେଇ ବିଲ୍‌ରେ ପରମାଣୁ ଦାୟିତ୍ୱ ପାଣ୍ଠି ପ୍ରତିଷ୍ଠାର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ବିଲ୍‌ଟି ଗତକାଲି ଲୋକସଭାରେ ପାରିତ ହୋଇଥିଲା।

## ଏନ୍‌ଆଇଏ ଦିଲ୍ଲୀ ବ୍ଲାଷ୍ଟ

ଦିଲ୍ଲୀ ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା—ଏନ୍.ଆଇ.ଏ. ଆଉ ଜଣେ କଥିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନ୍.ଆଇ.ଏ ଦେଇଥିବା ସୂଚନା ଅନୁଯାୟୀ, ଜାମ୍ମୁ-କାଶ୍ମୀରର ଶ୍ରୀନଗର ଅର୍ନ୍ତଗତ ସୋଫିଆନ୍‌ର ବାସିନ୍ଦା ୟସିର ଅହମ୍ମଦଦାରଙ୍କୁ ଏହି ଘଟଣାରେ ଜଡ଼ିତ ଅଭିଯୋଗରେ ଦିଲ୍ଲୀରୁ ଗିରଫ କରାଯାଇଛି। ଗତ ମାସରେ

ଦିଲ୍ଲୀରେ ଘଟିଥିବା ବୋମା ବିସ୍ଫୋରଣ ଘଟଣାରେ ଏ ପର୍ଯ୍ୟନ୍ତ ୯ ଜଣଙ୍କୁ ଗିରଫ କରିଛି ବୋଲି ଏନ୍.ଆଇ.ଏ. କହିଛି । ତଦନ୍ତରୁ ଜଣାପଡ଼ିଛି ୟାସିର ଦାର ବିସ୍ଫୋରଣରେ ଜଡ଼ିତ ଉମର ଉନ୍ ନବି ଏବଂ ମୁଫ୍ତି ଇର୍ଫାନ୍‌ଙ୍କ ସହ ଘନିଷ୍ଠ ସମ୍ପର୍କରେ ରହିଥିଲେ ।

# ଶିବରାଜ- ପ୍ରେସ୍ କନଫରେନ୍ସ

ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ଲୋକସଭାରେ ବିରୋଧୀ ଦଳଙ୍କ ଆଚରଣ ଗଣତନ୍ତ୍ରର ଅଖଣ୍ଡତାକୁ ଦୁର୍ବଳ କରୁଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଚୌହାନ' ଲୋକସଭାରେ ବିକଶିତ ଭାରତ – ଜି.ରାମ୍.ଜି. ବିଲ୍-୨୦୨୫ ଆଲୋଚନା ସମୟରେ ବିରୋଧୀ ସଦସ୍ୟଙ୍କ ଆଚରଣକୁ ନିନ୍ଦା କରିଛନ୍ତି ।

**V/O- SHIVRAJ-SINGH-CONDEMN--OPPOSITION**

ସେ କହିଛନ୍ତି, ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏବେ ୧୨୫ ଦିନକୁ ବୃଦ୍ଧି କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି । ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା କେନ୍ଦ୍ର ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି ।

## V/O- SHIVRAJ-SINGH-CHAUHAN

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ ଭି.ବି.–ଜି.ରାମ.ଜି.-୨୦୨୫ ବିଲ୍ ଆଜି

ଲୋକସଭାରେ ପାରିତ ହୋଇଛି। ୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ବଦଳରେ ଏହା କାର୍ଯ୍ୟକାରୀ ହେବ।

୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ବିଲ୍‌ରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅନ୍ତର୍ଗତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପାଣ୍ଠି ଆବଣ୍ଟନ ୯୦-୧୦ ଅନୁପାତରେ ଧାର୍ଯ୍ୟ କରାଯାଇଛି। ଏହି ବିଲ୍‌ଟି ଆଜି ରାଜ୍ୟସଭାରେ ଆଗତ ହୋଇଛି।

## ରେଲୱେସ ରିଜିଓନାଲ

ବନ୍ଦେ ଭାରତ ଟ୍ରେନ୍‌ରେ ରେଳବାଇ ପକ୍ଷରୁ ଆଞ୍ଚଳିକ ଖାଦ୍ୟ ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଛି। ରେଳ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଓଡ଼ିଶାର ଆଳୁ ଫୁଲକୋବି, ମହାରାଷ୍ଟ୍ରର କାନ୍ଦାପୋହା, ବିହାରର ଚମ୍ପାରଣ ଚିକେନ୍ ଏବଂ ଗୁଜୁରାଟର ମେଥିଥେପଲା ଏଣିକି ବନ୍ଦେ ଭାରତ ଟ୍ରେନ୍‌ରେ ଉପଲବ୍ଧ ହେବ। ଆଇ.ଆର୍.ସି.ଟି.ସି. ପକ୍ଷରୁ ଯାତ୍ରୀଙ୍କ ପାଖରେ ସିଧାସଳଖ ଭାବରେ ଏହି ସବୁ ଖାଦ୍ୟ ପହଁଞ୍ଚାଇବାର ବ୍ୟବସ୍ଥା କରାଯାଉଛି। ଅନ୍ୟ ରାଜ୍ୟଗୁଡ଼ିକର

ଆଞ୍ଚଳିକ ଖାଦ୍ୟ ପସରାକୁ ମଧ୍ୟ ଯାତ୍ରୀଙ୍କୁ ଉପଲବ୍ଧ କରାଇବା ନେଇ ଆଇ.ଆର୍.ସି.ଟି.ସି. ପକ୍ଷରୁ ବ୍ୟବସ୍ଥା କରାଯାଇଛି ବୋଲି ରେଳ ମନ୍ତ୍ରଣାଳୟ କହିଛି। ଖ୍ରୀଷ୍ଟ ମାସ ଏବଂ ନବବର୍ଷରେ ଯାତ୍ରୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ୯ଟି ଜୋନ୍‌ରେ ୧୩୮ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ୬୫୦ଟି ପ୍ରସ୍ତାବିତ ଏବଂ ମଞ୍ଜୁରିପ୍ରାପ୍ତ ଯାତ୍ରାପଥ ମଧ୍ୟରୁ ୨୪୪ଟିର ଯାତ୍ରାପଥକୁ ସୂଚିତ କରାଯାଇସାରିଛି ବୋଲି ମନ୍ତ୍ରଣାଳୟ କହିଛି। ଯାତ୍ରୀଙ୍କର ସୁରକ୍ଷିତ ତଥା ସହଜ ଯାତ୍ରାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି।

## ଆର୍‌ଆର୍‌ବିଏସ୍-ଲୋଗୋ

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ପାଇଁ ନୂତନ ଲୋଗୋ ପ୍ରଚଳନ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଆଜି ଉନ୍ମୋଚିତ ହୋଇଥିବା ଏହି ଲୋଗୋ’ ପ୍ରଗତି, ପୋଷଣ ଏବଂ ଜ୍ଞାନର ପ୍ରତୀକ ହେବା ସହ ଗ୍ରାମାଞ୍ଚଳରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ମୂଲ୍ୟବୋଧକୁ ପ୍ରତିଫଳନ କରିବ। ଏବେ ସମଗ୍ର ଦେଶରେ ୨୮ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କାର୍ଯ୍ୟ କରୁଥିବାବେଳେ ୭୦୦ରୁ ଅଧିକ ଜିଲ୍ଲାରେ ୨୨ ହଜାରରୁ ଅଧିକ ଶାଖାଯୁକ୍ତ ଏହି ବ୍ୟାଙ୍କଗୁଡ଼ିକର ଏକ ବୃହତ ନେଟୱର୍କ ରହିଛି। ଆର୍ଥିକ ଅନ୍ତର୍ଭୁକ୍ତୀକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଗ୍ରାମୀଣ ବିକାଶକୁ ସହଯୋଗ ପ୍ରଦାନ କରିବାରେ ଏହି ବ୍ୟାଙ୍କଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି।

## ଇଣ୍ଡିଆ-ନେଦରଲାଣ୍ଡ୍ସ

ଭାରତ ଓ ନେଦରଲାଣ୍ଡ୍ସ ପ୍ରତିରକ୍ଷା ସହଯୋଗ ବିକାଶ କ୍ଷେତ୍ର ନେଇ ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀଠାରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ନେଦରଲାଣ୍ଡ୍ସର ବୈଦେଶିକ ମନ୍ତ୍ରୀ ଡେଭିଡ୍ ଭାନ୍ ୱିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବର୍ଦ୍ଧିତ ସମ୍ପର୍କ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏକ ମୁକ୍ତ ଅର୍ନ୍ତଭୁକ୍ତୀ ଏବଂ ନିୟମ ଭିତ୍ତିକ ଭାରତ–ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ଉଭୟ ଦେଶ ସହଭାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ପ୍ରତିରକ୍ଷା ଉପକରଣ ସହ ବିକାଶ ଏବଂ ସହଉତ୍ପାଦନ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି। ଉଭୟ ଦେଶର ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରକୁ ସମନ୍ୱିତ କରିବା ଲକ୍ଷ୍ୟ ନେଇ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏବଂ ଭାରତରେ ଅବସ୍ଥାପିତ ନେଦରଲାଣ୍ଡ୍ସର ରାଷ୍ଟ୍ରଦୂତ ମାରିସା ଜେରାଡ୍‌ସଙ୍କ ମଧ୍ୟରେ 'ଲେଟର ଅଫ୍ ଇଣ୍ଟେଣ୍ଟ' ଆଦାନ ପ୍ରଦାନ ହୋଇଛି।

## ରୋଲ୍‌ବଲ୍ ବିଶ୍ୱକପ

ଭାରତ ପୁରୁଷ ଓ ମହିଳା ବର୍ଗରେ ୨୦୨୫ ରୋଲ୍ ବଲ୍ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଦୁବାଇଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ଉଭୟ ବର୍ଗରେ କେନିଆକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଭାରତୀୟ ମହିଳା ଦଳ ତୃତୀୟଥର ପାଇଁ

ଟାଇଟଲ ହାସଲ କରିଛି। ପୂର୍ବରୁ ୨୦୧୩ ଏବଂ ୨୦୧୭ ମସିହାରେ ଭାରତ ରୋଲ୍‌ବଲ୍ ବିଶ୍ୱକପ୍ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ କ୍ରମାଗତ ଚତୁର୍ଥ ଥର ପାଇଁ ଏହି ଟାଇଟଲ ହାସଲ କରିଛନ୍ତି। ରୋଲ୍‌ବଲ୍ କ୍ରୀଡ଼ା ହେଉଛି ବାସ୍କେଟବଲ, ହ୍ୟାଣ୍ଡବଲ୍ ଏବଂ ରୋଲର ସ୍କେଟିଂର ଏକ ସମ୍ମିଳିତ ସଂସ୍କରଣ।